# Akashvani, Sambalpur

## SAMBALPURI NEWS EVENING BULLETIN

## 25 August 2025- 7.02 pm- 7.12 pm.

*********************************************

୧- କେଡ଼େଟ୍ ପାଇଲଟ୍ ପ୍ରୋଗ୍ରାମ୍ ଜରିଏ ଓଡ଼ିଆ ଆଦିବାସୀ ଟୁକେଲ୍‌ମାନ୍‌କୁ ଦିଆଯିବା ପାଇଲ୍‌ଟ ତାଲିମ୍- କହେଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ତିଆର୍ ହେବା ୩ ନମ୍ବର୍ ଟର୍ମିନାଲ୍- କହେଲେ କେନ୍ଦ୍ର ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ ।

୨- ଭୁବନେଶ୍ୱର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଚାଲିଛେ ରାଜ୍ୟ କେବିନେଟ୍‌ର ବୈଠକ୍ ।

୩- ରାଏଜେ ଖରିଫ୍ ଧାନ୍ ବିକ୍‌ବାର୍ ଲାଗି ଆଏଜ୍‌ତକ୍ ୧୮ ଲାଖ୍ ନୁ ଅଏତ୍‌କା ଚାଷୀ କଲେ ପଞ୍ଜିକରଣ୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ବନିଥିବା ଲଘୁଚାପ୍‌ର ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି ।

ପୂର୍ବାଂଚଲ୍ ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ ସମ୍ମିଲନୀ

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସର୍‌କାର୍ ରାଏଜେ ଖୋବ୍ ଜଲ୍‌ଦି କେଡ଼େଟ୍ ପାଇଲଟ୍ ପ୍ରୋଗ୍ରାମ୍ ମୁଲ୍ କର୍‌ବାର୍‌କେ ଯାଉଛନ୍, ଯେନ୍‌ଥି ଓଡ଼ିଆ ଆଦିବାସୀ ଟୁକେଲ୍‌ମାନ୍‌କୁ ପାଇଲଟ୍ ହେବାର୍ ଲାଗି ଖାସ୍ ତାଲିମ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ପୂର୍ବାଂଚଲ୍ ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ ସମ୍ମିଲନୀ କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର୍ ବିମାନ୍ ଚଲାଚଲ୍ କ୍ଷେତ୍ରଥି ପୂର୍ବାଂଚଲର୍ ଭୂମିକାକେ ବର୍‌କସ୍ କର୍‌ବାର୍ ଦିଗେ ଇ ସମ୍ମିଲନୀ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ଆଏ ବଲି କହିଛନ୍ । ସେ କହିଛନ୍, ଗଲା ୧୪ ମାସ୍ ଭିତ୍‌ରେ ଓଡ଼ିଶାର୍ ବିମାନ୍ ବନ୍ଦର୍ ମାନେ ୧୫ ଟା ନୂଆଁ ଜାଗା ସାଙ୍ଗେ ଜୁଡ଼ି ହେଇଛନ୍ । ଜାତୀୟ ବିମାନ୍ ଚଲାଚଲ୍ ନୀତି ଅନ୍‌ସାରେ ରାଏଜେ ଭିଲ୍ ଗୁଟେ ବିମାନ୍ ଚଲାଚଲ୍ ନୀତି ତିଆର୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ନ ଗୁଟେ ଆଧୁନିକ୍ ଏମ୍‌ଆର୍‌ଓ ସୁବିଧା କର୍‌ବାର୍ ଲାଗି ଏୟାର୍ ଓ୍ୱାର୍କ ସାଙ୍ଗେ ଗୁଟେ ରାଜିନାମା ସ୍ୱାକ୍ଷର୍ ହେଇଛେ । ରାଜ୍ୟର୍ ବିମାନ୍ ପଢ଼ିଆ ମାନ୍‌କେ ଫ୍ଲାଇଟ୍ ତାଲିମ୍, ୟୁଏଭି ତାଲିମ୍ ଆଉ ବିମାନ୍ କ୍ରୀଡ଼ା ବ୍ୟବସ୍ଥା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ବେସାମରିକ ବିମାନ ଚଲାଚଲ୍ ମନ୍ତ୍ରୀ କେ. ରାମମୋହନ ନାଇଡୁ ଯୋଗ୍ ଦେଇକରି ଓଡ଼ିଶାର୍ ବିମାନ୍ ଚଲାଚଲ୍ ଭିତିଭୂମି ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ସବୁ ପ୍ରକାର୍ ସାହାଜ୍ ଯୁଗେଇ ଦିଆଯିବା ବଲି କହିଛନ୍ । ସମ୍ମିଲନୀଥି କେନ୍ଦ୍ର ବେସାମରିକ୍ ବିମାନ୍ ଚଲାଚଲ୍ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ୍, ରାଜ୍ୟ ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଙ୍କର୍ ସହେତେ ପୂର୍ବାଂଚଲ୍ ରାଜ୍ୟ ମାନ୍‌କୁ ମନ୍ତ୍ରୀ ଆଉ ଅଧିକାରୀ ଉପସ୍ଥିତ୍ ଥିଲେ ।

## ଭୁବନେଶ୍ୱର ବିମାନ ବନ୍ଦର ସମ୍ପ୍ରସାରଣ-କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର ସମ୍ବାଦଦାତା

ଭୁବନେଶ୍ୱର ବିମାନ ବନ୍ଦର୍‌ର ଖୋବ୍ ଜଲ୍‌ଦି ସମ୍ପ୍ରସାରଣ କରାଯାଇକରି ୩ ନମ୍ବର ଟର୍ମିନାଲ୍ ତିଆର୍ କରାଯିବା ବଲି କେନ୍ଦ୍ର ବେସାମରିକ ବିମାନ ଚଲାଚଲ୍ ମନ୍ତ୍ରୀ କେ. ରାମମୋହନ ନାଇଡୁ

କହିଛନ୍ । ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦର ପରିସର ନ ଆଏଜ୍ ଉଡ଼ାନ୍ ଯାତ୍ରୀ କେଫେର୍ ଉଦ୍‌ଘାଟନ୍ କରି କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍, ବଢୁଥିବା ଯାତ୍ରୀ ସଂଖ୍ୟାକେ ନଜର୍ ଥି ରଖିକରି ଟର୍ମିନାଲ୍ ସମ୍ପ୍ରସାରଣ ନିଷ୍ପତି ନିଆଯାଇଛେ । ଓଡ଼ିଶା ନ ଥିବା ୨୦ଟା ବିମାନ୍ ପଡ଼ିଆର୍ ଭିଲ୍ ରୂପାନ୍ତରଣ କରାଯିବା । ପୁରୀ ବିମାନ ବନ୍ଦର ଲାଗି କେନ୍ଦ୍ର ସରକାରଙ୍କର ଅନୁମତି ମିଲି ସାରିଛେ ବଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ ।

(ଭଏସ୍ ଓଭର୍-କେନ୍ଦ୍ର ମନ୍ତ୍ରୀ)

କେନ୍ଦ୍ର ମନ୍ତ୍ରୀ କହିଛନ୍, ଗଲା ୧୦ ବଛର୍ ଭିତ୍‌ରେ ଦେଶର ବେସାମରିକ ବିମାନ ଚଲାଚଲ୍ ସଂଖ୍ୟା ବହୁତ୍‌ଟେ ବଢ଼ିଛେ । ୨୦୪୭ ତକ୍ ବିକଶିତ୍ ଭାରତ୍ ଯୋଜ୍‌ନାଥି ୩ ଶହ ୫୦ଟା ନୂଆ ବିମାନ ବନ୍ଦର ତିଆର୍ କରାଯାଇଛେ । ଆଏବା ୧୦ ବଛର୍ ଭିତ୍‌ରେ ଦେଶର୍ ଶହେ ୨୦ଟା ନୂଆ ବିମାନ ଗନ୍ତବ୍ୟ ସ୍ଥଲ୍ ତିଆର୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ।

ମୁଖ୍ୟମନ୍ତ୍ରୀ- କେନ୍ଦ୍ର ସମବାୟ ମନ୍ତ୍ରୀ ସାକ୍ଷାତ୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ୍ ଭେଟିକରି ଓଡ଼ିଶା ନ ସମବାୟ

କ୍ଷେତ୍ର ନ ଅଭିବୃଦ୍ଧି ବାବ୍‌ଦେ ଆଲୋଚନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କୃଷି ସମବାୟ ସମିତି ଋଣ ପରିଶୋଧ୍ ସମିଆକେ ୫ ନୁ ୧୦ ବଛର୍ ବଢ଼ାବାର୍, ବଡ଼ମ୍ବା ଆଉ ବଲାଙ୍ଗିର୍ ନ ଚିନିକଲ୍ କାର୍ଯ୍ୟକ୍ଷମ୍ କର୍‌ବାର୍, ଗୋପାଲ୍‌ପୁର୍ ଠାନେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର୍ ଉପଗ୍ରହ କେନ୍ଦ୍ର ଥାପ୍‌ନା, ଫି ଜିଲ୍ଲା ଆଉ ଉପଖଣ୍ଡ ନ ଶୀତଲ୍‌ଭଣ୍ଡାର୍, ପଣ୍ୟାଗାର ଥାପ୍‌ନା, ନୂଆଁ କୃଷି ସମବାୟ ସମିତି ମାନ୍‌କୁ ଆର୍ଥିକ୍ ସାହାଜ୍ ବାବ୍‌ଦେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କରିକରି କେନ୍ଦ୍ର ସର୍‌କାର୍‌ଙ୍କର୍ ସହଯୋଗ୍ ଲାଗି ଅନୁରୋଧ୍ କରିଛନ୍ ।

ରାଜ୍ୟ କେବିନେଟ ବୈଠକ୍ I&PR

ରାଜ୍ୟ କେବିନେଟ୍‌ର ଗୁଟେ ବୈଠକ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଚାଲିଥିବା ବୈଠକ୍‌ଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇଥିବାର୍ ଜନାପଡ଼ିଛେ । ବୈଠକ୍ ଉତ୍‌ରୁ ମୁଖ୍ୟ ଶାସନ୍ ସଚିବ ଇ ବାବ୍‌ଦେ ସୂଚ୍‌ନା ଦେବେ ବଲି ଜନାପଡ଼ିଛେ ।

ରାଜସ୍ୱ ମନ୍ତ୍ରୀ-ଜମିପଟ୍ଟା ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଜ୍ୟର୍ ଭୂମିହୀନ ମାନ୍‌କୁ ଆଏବା ବଛର୍ ଅଗଷ୍ଟ ମାସ୍‌ତକ୍ ସର୍‌କାର୍ ଜମିପଟ୍ଟା ଯୁଗେଇ ଦେବେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ନବରଙ୍ଗ୍‌ପୁର୍ ଜିଲ୍ଲା ନ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ତହସିଲ୍‌ଦାର୍ ମାନେ ଜମି ନାଇଁଥିଲା ଲୁକ୍‌କୁ ଖୁଜିକରି ବାହାର୍ କର୍‌ବେ । ଜିଲ୍ଲାପାଲ୍‌ମାନେ ସର୍‌କାର୍‌ଙ୍କୁ ତଥ୍ୟ ଦେଲେ ଭୂମିହୀନମାନ୍‌କୁ ଜମି ଯୁଗେଇ ଦିଆଯିବା । ଇତାର୍‌ସହେତେ ବିଦ୍ୟାଲୟମାନ୍‌କୁ ଭିଲ୍ ଜମିପଟ୍ଟା ଯୁଗେଇ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଚାଷୀ ପଞ୍ଜିକରଣ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଚଲ୍‌ତି ଖରିଫ୍ ଋତୁର୍ ଲାଗି ଆଏଜ୍ ସଖାଲ୍‌ତକ୍ ୧୮ ଲାଖ୍ ୫୦ ହଜାର୍ ୯ ଶହ ୮୩ ଝନ୍ ଚାଷୀ ପଞ୍ଜୀକରଣ କରିଛନ୍, ଯେନ୍‌ଟାକି ରାଏଜେ ସର୍ବକାଲୀନ ରେକର୍ଡ୍ ଆଏ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ଆଏତ୍ ରାତିର୍ ୧୨ ବଜେତକ୍ ଚାଷୀ ପଞ୍ଜିକରଣ୍ ସମିଆ ରହିଛେ । ଇ

ସମିଆତକ୍ ଆହୁରି  ଲାଖେ ନୁ ଦେଢ଼୍ଲାଖ୍ ତକ୍ ଚାଷୀ ପଞ୍ଜିକରଣ୍ କର୍ବାର୍ ସମ୍ଭାବନା ରହିଛେ ।

ଦାଦନ ସମସ୍ୟା- ଉପମୁଖ୍ୟମନ୍ତ୍ରୀ   ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ରାଏଜେ ଦାଦନ୍ ସମସ୍ୟା ଆଏତ୍ କର୍ବାର୍ ଲାଗି ସର୍କାର୍ ବଡ଼ ଆକାରର୍ ରଣନୀତି ତିଆର୍ କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍ନେଶ୍ୱର୍ ଠାନେ ଆଏଜ୍ ଦାଦନ୍ ନିୟନ୍ତ୍ରଣ୍ ଟାସ୍କଫୋର୍ସ ବୈଠକ୍ଥି ଅଧ୍ୟକ୍ଷତା କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍, ଯେନ୍ ରାଜ୍ୟକେ ଓଡ଼ିଶାନୁ ଲୁକେ ଦାଦନ୍ ଖଟି ଯାଉଛନ୍ ସେ ରାଜ୍ୟକେ ଆମର୍ ଗୁଟେ ଟିମ୍ ଯିବା । ଓଡ଼ିଶାର୍ ଲୁକେ କାଁହେଲାଯେ ସେନ୍କେ ଖଟି ଯାଉଛନ୍ ତାର୍ କାରଣ୍ ଖୁଜିକରି ବାହାର୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ । ଆଜିରର୍ ବୈଠକ୍ଥି ପଂଚାୟତିରାଜ୍ ମନ୍ତ୍ରୀ, ଶ୍ରମମନ୍ତ୍ରୀ, ଶିଳ୍ପମନ୍ତ୍ରୀ, ମୁଖ୍ୟ ଶାସନ୍ ସଚିବ ଆଉ ଅଲ୍ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନିଶା କାର୍ବାର୍ ଆଏତ୍ ବୈଠକ୍        I&PR

ରାଏଜେ ଚୁରା ନିଶା କାର୍‌ବାର୍‌କେ ଆଏତ୍ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ନିଶା କାର୍‌ବାର୍ କରୁଥିବା ମୁଖ୍ୟ ଅଭିଯୁକ୍ତ ମାନ୍‌କୁ ଧର୍‌ବାର୍ ଲାଗି ଜୋର୍ ଦିଆଯାଇଛେ । ଖାସ୍ କରି ବିଦ୍ୟାଳୟ, ମହାବିଦ୍ୟାଳୟ ଆଉ ଜନବସତି ଇଲାକା ନ ନିଶା କାର୍‌ବାର୍ ଆଏତ୍ କର୍‌ବାର୍ ଲାଗି ବୈଠକ୍‌ଥି ରଣନୀତି ତିଆର୍ କରାଯାଇଥିଲା ।

ଯୁକ୍ତ ଦୁଇ - ୨ ନମ୍ବର୍ ଖେପ୍ ନାଁଲେଖା ଏକ୍ସ

ଉଚ୍ଚମାଧମିକ୍ ଶିକ୍ଷା ନିର୍ଦ୍ଦେଶାଳୟ ପରିଚାଳିତ୍ ଯୁକ୍ତ ଦୁଇ - ୨ ନମ୍ବର୍ ଖେପ୍ ନାଁଲେଖା ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଇଛେ । ପହେଲା ଖେପ୍ ନାଁଲେଖା ଉତ୍‌ରୁ ଖାଲି ପଡ଼ିଥିବା ସିଟ୍ ଭର୍ତି ଲାଗି ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ ଦିନର୍ ୩ ବଜେନୁ ସାମ୍ସ ପୋର୍ଟାଲ୍‌ଥି ଆବେଦନ୍ କରିଛନ୍ । ନାଁଲେଖା ଶେଷ୍ ତାରିଖ୍ ଇ ମାସର୍ ୩୧ ତାରିଖ୍ ଧାରିଜ୍ କରାଯାଇଛେ । ଆଏବା ୪ ତାରିଖ୍ ମେଧା ତାଲିକା ବାହାର୍‌ବା । ୬ ନୁ ୧୦ ତାରିଖ୍ ଭିତ୍‌ରେ ଛାତ୍ରଛାତ୍ରୀ ମାନେ ନାଁ ଲେଖେଇପାର୍‌ବେ ।

ମିଳିତ୍ ଜନ ଅଭିଯୋଗ୍ ଶୁଣାଣି
ସମ୍ବଲ୍‌ପୁର/ବୌଦ୍ଧ/ବର୍‌ଗଡ଼୍/ଦେବଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଳିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ରେଢ଼ାଖୋଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲା ପ୍ରଶାସନ୍‌ର ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଶିବିର୍‌ଥି ୭୧ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ସେଥିର୍‌ଭିତ୍‌ରୁ ଗୁଟେ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ଛତ୍‌ରଙ୍ଗ ପଂଚାୟତ୍ କାର୍ଯ୍ୟାଳୟ ଠାନେ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୨ ଶହ ୧୨ ଟା ଅଭିଯୋଗ୍ ଆସିଥିବାର୍ ବେଳେ ୫୭ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲା ସୋହେଲା ପଂଚାୟତ୍ ସମିତି ସମ୍ମିଳନୀ କାର୍ଯ୍ୟାଳୟ ଠାନେ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୫୮ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ଟାଇଁସର୍ ପଂଚାୟତ୍ ସମିତି ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୨୭ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍ମହାରାଜ୍ପୁର୍ ବ୍ଲକ୍ ଦୁର୍ଜନତଇଲା ପଂଚାୟତ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍ଥି ଶହେ ୫୦ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୧୦ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିଲା ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ଲେଇ ମନ୍ଦିର୍- ନୂଆଖାଇ ସମ୍ବଲପୁର ସମ୍ବାଦଦାତା

ନୂଆଖାଇକେ ନେଇକରି ସମ୍ବଲ୍ପୁର୍ ସମଲେଇ ମନ୍ଦିର୍ ନ ଜୋର୍ଦାର୍ ତୟାରି ଚାଲିଛେ । ମନ୍ଦିର୍ ନ ରଙ୍ଗ୍ କାମ୍ ସରିଥିଲା ବେଲ୍କେ ଆଏଜ୍ ପାର୍ଶ୍ୱଦେବାଦେବୀଙ୍କର୍ ନ ସିନ୍ଦୁର୍ ଲଗା ଯାଇଛେ । ଆଏବା କାଏଲ୍ ମାଙ୍କର୍ ଅଲଙ୍କାର୍ ସଫା କରାଯିବା ଆଉ ସେସବୁକେ ନୂଆଖାଇ ଦିନ ମା’ଙ୍କୁ ପିନ୍ଧା ଯିବା ବଲି ମନ୍ଦିରର୍ ପୂଜକ ସଗନ୍ ରାୟ କହିଛନ୍ ।

ୟୁରିଆ ସାର୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାକେ ଆଏଜ୍ ୨୬ ହଜାର୍ ୯ ଶହ ବସ୍ତା ୟୁରିଆ ସାର୍ ଯୁଗେଇ ଦିଆଯାଇଛେ । ଜିଲ୍ଲାର୍ ୨୬ ଟା କୃଷି ସମବାୟ ସମିତି ଜରିଏ ଆଏବା କାଏଲ୍ ଠାନୁ ଚାଷୀମାନ୍‌କୁ ଇ ସାର୍ ବଂଟାଯିବା । ଚାଷୀମାନ୍‌କୁ ଆଧାର୍ କାର୍ଡ଼ ଆଉ ଜମିପଟ୍ଟା ଧରିକରି ପୁହୁଁଚିବାର୍ ଲାଗି ସମବାୟ ବିଭାଗ୍ ତରଫୁଁ ସୂଚ୍‌ନା ଦିଆଯାଇଛେ । ସାର୍ ବଂଟନ୍ କେନ୍ଦ୍ର ମାନ୍‌କେ ଭିଡ୍ କମ୍ କର୍‌ବାର୍ ଲାଗି ଗାଁ ଇଲାକା ନ ଥିବା ଘରୋଇ ଡିଲର୍ ମାନ୍‌କର୍ ଜରିଏ ଭିଲ୍ ଚାଷୀମାନ୍‌କୁ ସାର୍ ଯୁଗାବାର୍ ବ୍ୟବସ୍ଥା କରାଯାଇଛେ ।

କମନୱେଲ୍‌ଥ ଗେମ୍‌ସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୁଜୁରାଟ୍‌ର ଅହମଦାବାଦଠାନେ ଚାଲିଥିବା କନିଷ୍ଠ ରାଜ୍ୟଗୋଷ୍ଠୀ ଭାରୋତଲନ୍ ପ୍ରତିଯୋଗିତାଥି ଓଡ଼ିଶାର୍ ପ୍ରିତିସ୍ମିତା ଭୋଇ ସ୍ୱର୍ଣ୍ଣପଦକ ପାଇଛନ୍ । ମହିଳା ୪୪ କିଲୋ ଓଜନ ବର୍ଗଥି ସେ ସ୍ୱର୍ଣ୍ଣପଦକ ଜିତିକରି ରାଜ୍ୟ ଲାଗି ଗୌରବ ଆନିଛନ୍ । ଇତାର୍‌ସହେତେ ପ୍ରିତିସ୍ମିତା ୩ ଟା ରାଜ୍ୟଗୋଷ୍ଠୀ ରେକର୍ଡ ଭିଲ୍ ବନେଇଛନ୍ ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ଓଡ଼ିଶା- ପର୍ଶ୍ଚିମବଙ୍ଗ୍ ଉପକୂଳର ଉତର୍ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଛେ । ଇତାର୍ ବଲେ ଆଏବା ୨୮ ତାରିଖ୍‌ତକ୍ ରାଜ୍ୟର୍ ବଡ଼ଭାଗି ଜାଗା ନ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସବୁ ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ୧୨ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୧ ଦଶ୍‌ମିକ୍ ୬/୫ ଫୁଟ୍ ରହିଛେ ।